
ସତ୍ୟପ୍ରକାଶ
NOVEMBER - DECEMBER
2005
An Oriya Bimonthly Bulletin
Published By the Church of Christ

# THE VOICE OF TRUTH


Edited & Published By
Joshua & Kabita Gootam



## CHURCH OF CHRIST

P.O.Box.No. 80, KAKINADA
A.P. - 533 001.
Ph : 0884 - 2363722



**VOL. 10. NOVEMBER & DECEMBER 2005 (NO. 6)**

Published every two months in Oriya Language for the Restoration of pure New Testament Christianity


Watch *SATYA VANI* on TEJA Channel Every Saturday and every Tuesday on MAA TV at 6:30 a.m. in Telugu Language.

**Speakers :** Joshua Gootam & Ricky Gootam

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. No. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - X KAKINADA NOV.-DEC.

## ଖ୍ରୀଷ୍ଟଙ୍କ ମଣ୍ଡଳୀର ଅର୍ଥ କଅଣ ?

### (What is the Church of Christ)

ଆଜିର ଦୁନିଆରେ ଅଗଣିତ ମଣ୍ଡଳୀଗୁଡ଼ିକ ରହିଅଛି । ଅନେକ ବିଷୟରେ ଏହି ସମସ୍ତ ଏକ ଧରଣର । ସେଗୁଡ଼ିକ ମନୁଷ୍ୟ ସ୍ଥାପିତ । ସେଗୁଡ଼ିକର ପ୍ରାଧାନ୍ୟତା ନାହିଁ, କାରଣ ସେଥିର ସଭ୍ୟ ନ ହୋଇ ମଧ୍ୟ ସ୍ୱର୍ଗକୁ ସେମାନେ ଯାଇପାରିବେ ବୋଲି ସେହି ମଣ୍ଡଳୀଗୁଡ଼ିକର ସଭ୍ୟମାନେ କହନ୍ତି । ସେଗୁଡ଼ିକ ଅନେକ ଖ୍ରୀଷ୍ଟୀୟ ମତ-ଶାଖାରେ **(Denomination)** ବିଭକ୍ତ, ଗୋଟିଏ ମତ-ଶାଖା ଅନ୍ୟ କୌଣସି ମତ-ଶାଖା ସହିତ ସମାନ ବୋଲି ଭାବିବାରେ ଏକମତ ଅଟନ୍ତି । ସେମାନେ ପ୍ରତ୍ୟେକ ବିଭିନ୍ନ ନାମ ଓ ପଦବୀ ଧାରଣ କରନ୍ତି ତଥା ପ୍ରତ୍ୟେକଙ୍କର ଆପଣା ଆପଣା ଭିନ୍ନ ନିୟମାବଳୀ ପୁସ୍ତକ **(Manual book)** ଓ ବିଶ୍ୱାସ ପ୍ରମାଣ ପୁସ୍ତକ **(Cread book)** ରହିଥାଏ । କିନ୍ତୁ କେବଳ ଏକମାତ୍ର ମଣ୍ଡଳୀ ରହିଅଛି ଯାହା ଏହି ଶ୍ରେଣୀରେ ଉପଯୁକ୍ତ ନୁହେଁ । ଅନ୍ୟ ମଣ୍ଡଳୀଗୁଡ଼ିକଠୁଁ ଭିନ୍ନ । ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ଏକ ଖ୍ରୀଷ୍ଟୀୟ ମତ-ଶାଖା ନୁହେଁ । କିମ୍ବା ଅନ୍ତର୍ଜାତୀୟ ମତ-ଶାଖା **(Inter Denomination)** ନୁହେଁ । ଏହା କାଥଲିକ୍, ପ୍ରଟେଷ୍ଟାଣ୍ଟ କିମ୍ବା ଯିହୂଦୀୟ ନୁହେଁ । ଏହା କୌଣସି ମଣ୍ଡଳୀର ଶାଖା ନୁହେଁ । ଏହାର ଆରମ୍ଭ ମନୁଷ୍ୟ ଦ୍ୱାରା ହୋଇନଥିଲା । ଏହାର ସ୍ଥାପନକର୍ତ୍ତା ମନୁଷ୍ୟ ନୁହେଁ । ଏହାର କୌଣସି ଜାଗତିକ ମୁଖ୍ୟ କାର୍ଯ୍ୟାଳୟ ନାହିଁ । ଏହା ମନୁଷ୍ୟ ନାମରେ ନାମିତ ନୁହେଁ । ଏହା ମନୁଷ୍ୟପ୍ରସ୍ତୁତ ନିୟମାବଳୀ ପୁସ୍ତକ ଅନୁସରଣ କରେ ନାହିଁ । ଏହା ରାଜନୀତି ବା ସାମାଜିକ ସଂସ୍ଥାରୂପେ କାର୍ଯ୍ୟ କରେ ନାହିଁ । ତେବେ ଏହା କଅଣ ଏବଂ ଏହା କଅଣ ହୋଇପାରେ ? ବିଶ୍ଳେଷଣ କରିବା ।

ଏହି ମଣ୍ଡଳୀ **(Church)** ପଦଟି ଗ୍ରୀକ୍ ପଦ ''ଇକ୍ଲେସିଆ'' **(Ekklesia)** ରୁ ଆନୀତ ଯାହାର ଅର୍ଥ 'ଆହ୍ୱାନପ୍ରାପ୍ତ'' । ଅନ୍ୟ ପକ୍ଷରେ, ମଣ୍ଡଳୀ ଜଗତରୁ ଈଶ୍ୱରଙ୍କ ସେମା ନିମନ୍ତେ ଆହ୍ୱାନପ୍ରାପ୍ତ ଲୋକଙ୍କ ଦ୍ୱାରା ଗଠିତ । ପାଉଲ ଗୋଟିଏ ସ୍ଥାନାନ୍ତର ବିଷୟରେ କହନ୍ତି ଜଗତରୁ ଈଶ୍ୱରଙ୍କ ରାଜ୍ୟକୁ ବା ତାହାଙ୍କ ମଣ୍ଡଳୀକୁ ସ୍ଥାନାନ୍ତର । (କ୍ଲଲ ୧:୧୩-୧୪) ।

ବାଇବଲ ମଣ୍ଡଳୀକୁ ଦୁଇଟି ଭାବରେ ପ୍ରକାଶ କରେ । ପ୍ରଥମେ ସାର୍ବଜନୀକ ଭାବ **(Universal sense)** ରେ କୁହାଯାଇଅଛି । ଏହା ଖ୍ରୀଷ୍ଟଙ୍କ ମନରେ ଥିଲା, ତେବେ ସେ କହିଲେ, ''ମୁଁ ଆପଣା ମଣ୍ଡଳୀ ତୋଳିବି ।'' (ମାଥି ୧୬:୧୮) । ଏହାରେ ଖ୍ରୀଷ୍ଟ ସ୍ଥାନୀକ ମଣ୍ଡଳୀର ଭାବରେ ନ କହି ମଣ୍ଡଳୀର ସାଧାରଣ ଭାବରେ କହଅଛନ୍ତି । ଦ୍ୱିତୀୟରେ, ମଣ୍ଡଳୀର ସ୍ଥାନୀୟ ଭାବ **(Local sense)** ରେ ବର୍ଣ୍ଣନା କରାଯାଇଅଛି । ମଣ୍ଡଳୀର ଏହି ଭାବ ବାଇବଲରେ ଅନେକ ପୃଷ୍ଠାରେ ପ୍ରକାଶ ପାଏ, ଯେପରି କରିନ୍ଥୀରେ ଥିବା ମଣ୍ଡଳୀ, ଥେସଲନୀକୀୟରେ ଥିବା ମଣ୍ଡଳୀ ଇତ୍ୟାଦି । (୧ମ କରି, ୧:୨, ୧ମ ଥେସ ୧:୧) ଏହି ସମସ୍ତ ସ୍ଥାନୀୟ ମଣ୍ଡଳୀ ମନରେ ରଖି ପାଉଲ କହିଲେ,''ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି ।'' (ରୋମୀ ୧୬:୧୬) ପ୍ରକାଶିତ ବାକ୍ୟରେ ଏସିଆର ସମସ୍ତ ମଣ୍ଡଳୀକୁ ସମ୍ବୋଧନ କରିବା ସମୟରେ ମଣ୍ଡଳୀର ଏହି ଭାବ ସ୍ପଷ୍ଟ ରୂପେ ପ୍ରକାଶ ପାଏ ।

ମଣ୍ଡଳୀ ଖ୍ରୀଷ୍ଟଙ୍କ ଜଗତ ଉପରେ ଥିବା ଆତ୍ମିକ ଶରୀର । ତାହାଙ୍କ ଆଜ୍ଞାକାରୀ ଓ ତାହାଙ୍କ ସେବାକାରୀମାନଙ୍କ ଦ୍ୱାରା ମଣ୍ଡଳୀ ଗଠିତ । ଶରୀରର ଅନେକ ଅଙ୍ଗପ୍ରତ୍ୟଙ୍ଗ କିନ୍ତୁ ଏକମାତ୍ର ମସ୍ତକ (୧ମ କରି ୧୨, କଲ ୧:୧୮) କେବଳ ଏକମାତ୍ର ଶରୀର ରହିଅଛି (ଏଫି ୪:୪) ଏହା ମଣ୍ଡଳୀ ଅଟେ । (ଏଫି ୧:୨୨-୨୩) ।

ମନୁଷ୍ୟ ସ୍ଥାପିତ ମଣ୍ଡଳୀ ବିଷୟରେ ଜାଣିବାକୁ ଚାହିଁଲେ, ଆପଣ ଆଧୁନିକ ଇତିହାସ ପୁସ୍ତକ ଓ ସେମାନଙ୍କ ସାହିତ୍ୟରୁ ପାଇପାରିବେ । ଆପଣଙ୍କୁ ବାଇବଲରେ ଖୋଜି ପାଇବାକୁ ପଡ଼ିବ ନାହିଁ ଯେହେତୁ ସେଗୁଡ଼ିକ ଈଶ୍ୱରଙ୍କ ଦ୍ୱାରା ଆରମ୍ଭ ହୋଇନଥିଲା । ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଜାଣିବାକୁ ଚାହିଁଲେ ଆପଣଙ୍କୁ ଅବଶ୍ୟ ବାଇବଲ ନିକଟକୁ ଯିବାକୁ ପଡ଼ିବ । ବାଇବଲରେ ମଣ୍ଡଳୀର ଇତିହାସ ବ୍ୟତୀତ ଆପଣ ଆହୁରି ଅଧିକ ମଣ୍ଡଳୀ ବିଷୟରେ ଜାଣିପାରିବେ । ଏହା କେବଳ ଏକମାତ୍ର ଅପାଣଙ୍କରପ ଥ ପ୍ରଦର୍ଶକ । (୨ୟ ତୀମଥି ୩:୧୬-୧୭, ଯାକୁ ୧:୨୫)

ଖ୍ରୀଷ୍ଟ ଜନ୍ମ ୩୩ ମସିହାରେ (ପ୍ରେରିତ ୨ୟ ଅଧ୍ୟାୟ) ଯିରୁଶାଲମରେ ଖ୍ରୀଷ୍ଟ ମଣ୍ଡଳୀ ସ୍ଥାପନ କଲେ । (ମାଥି ୧୬:୧୮) ଅର୍ଥାତ୍ ମଣ୍ଡଳୀ ମୋହର କିମ୍ବା ଆପଣଙ୍କର ନୁହେଁ । ଏହା ଇଂଲଣ୍ଡରେ ଆରମ୍ଭ ହୋଇନଥିବାରୁ ଏହା ଇଂଲଣ୍ଡର ମଣ୍ଡଳୀ ନୁହେଁ । ଏହା ଆମେରିକାରେ ଆରମ୍ଭ ହୋଇନଥିବାରୁ, ଏହା ଆମେରିକାନ ମଣ୍ଡଳୀ ନୁହେଁ ବରଂ ଏହା ଏସିଆର ଯିରୁଶାଲମରେ ଆରମ୍ଭ ହୋଇଥିଲା । ଏହା ଏକ ନୂତନ ମଣ୍ଡଳୀ ନୁହେଁ କାରଣ ଏହାର ସ୍ଥାପନ ଉଣେଇଶ ବର୍ଷ ତଳେ ହୋଇଥିଲା ।

ପ୍ରେରିତମାନଙ୍କ ସମୟରେ କେବଳ ଖ୍ରୀଷ୍ଟଙ୍କ ସୁସମାଚାରର ଆଜ୍ଞାକାରୀ ହେବା ଦ୍ୱାରା ମଣ୍ଡଳୀର ସଭ୍ୟତ୍ୱ ମିଳୁଥିଲା । ଯେଉଁମାନେ ଶ୍ରବଣ କଲେ (ରୋମୀ ୧୦:୧୭), ବିଶ୍ୱାସ କଲେ (ଏବ୍ରୀ ୧୧:୬), ନିଜ ନିଜ ପାପ ନିମନ୍ତେ ଅନୁତାପ କଲେ (ପ୍ରେରି ୧୭:୩୦), ଖ୍ରୀଷ୍ଟଙ୍କୁ ସ୍ୱୀକାର କଲେ (ରୋମୀ ୧୦:୧୦) । ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କଲେ (ଜଳରେ ନିମଗ୍ନ ହୋଇ) (ପେରି ୨:୩୮) ସୋମନେ ରକ୍ଷାପ୍ରାପ୍ତ ହୋଇ ମଣ୍ଡଳୀରେ ସଂଯୁକ୍ତ ହେଲ । (ପ୍ରେରି ୨:୪) ଆଜି ମଧ୍ୟ ଖ୍ରୀଷ୍ଟ ସେହିରୂପେ କାର୍ଯ୍ୟ କରୁଅଛନ୍ତି ।

ଏହି ମଣ୍ଡଳୀର ସଭ୍ୟମାନେ କେବଳ ଖ୍ରୀଷ୍ଟିୟାନ ବୋଲି ଅଖ୍ୟାତ (ପ୍ରେରି ୧୧:୨୬, ୧ମ ପିତ ୪:୧୬) । ଗୋଟିଏ ମଣ୍ଡଳୀ ହିସାବରେ ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ ବା ଈଶ୍ୱରଙ୍କ ମଣ୍ଡଳୀ ରୂପ ନାମିତ (ରୋମୀ ୧୬:୧୬, ପ୍ରେରି ୨୦:୨୮) । ଏହା ଖ୍ରୀଷ୍ଟଙ୍କ ଶରୀରରୂପେ ବର୍ଣ୍ଣିତ (୧ମ କରି ୧୨:୨୭) କିନ୍ତୁ ଶରୀର ମଣ୍ଡଳୀ ହୋଇଥିବାରୁ (କଲ ୧:୧୮) ପୁନର୍ବାର ଲେଖକ ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ତାହାଙ୍କ ଆତ୍ମିକ ଶରୀରରୂପେ କହିଅଛନ୍ତି । ଏହା ଏବେ ମଧ୍ୟ ଖ୍ରୀଷ୍ଟଙ୍କ ନାମ ଧାରଣ କରି ତାହାଙ୍କୁ ଗୌରବ ଦିଏ । (ପ୍ରେରି ୪:୧୨)

ଜଗତସାରା ବ୍ୟାପ୍ତି ଅନେକ ସ୍ଥାନୀୟ ମଣ୍ଡଳୀ ଦ୍ୱାରା ଖ୍ରୀଷ୍ଟଙ୍କ ମଣ୍ଡଳୀ ଗଠିତ । ପ୍ରତ୍ୟେକ ସ୍ଥାନୟ ମଣ୍ଡଳୀ ସ୍ୱାଧୀନ ହେଲେ ହେଁ, ଏକକୁ ଆରେକ ପ୍ରେମ ଓ ଏକତା ବନ୍ଧନରେ ଜଡ଼ିତ । ଖ୍ରୀଷ୍ଟ ଏହାର ମସ୍ତକସ୍ୱରୂପ (ଏଫି ୫:୨୩) ଯେଉଁ ସ୍ଥାନୀୟ ମଣ୍ଡଳୀ ବୃଦ୍ଧି ପାଇ ଆତ୍ମିକତାରେ ବଳବାନ ହୁଏ, ସେହି ମଣ୍ଡଳୀର ଅପାଣା ଆପଣା ଅଧ୍ୟକ୍ଷ, ପ୍ରାଚୀନ, ସେବକ, ପ୍ରଚାରକ ଓ ଶିକ୍ଷକ ନିର୍ବାଚନ କରିଥାନ୍ତି । (୧ମ ତୀମଥି ୩, ତିତସ ୧ମ ଅଧ୍ୟାୟ)

ପ୍ରତ୍ୟେକ ସପ୍ତାହର ପ୍ରଥମ ଦିନରେ ଆରାଧନା କାର୍ଯ୍ୟକ୍ରମ ଥାଏ । (ପ୍ରେରିତ ୨୦:୭), ସଭ୍ୟମାନେ ଧ୍ୟାନ କରିବାକୁ (୨ୟ ତୀମଥି ୨:୧୫), ପ୍ରାର୍ଥନା କରିବାକୁ (୧ମ ଥେସଲନୀକି ୫,୧୭), ଗୀତ ଗାଇବା ପାଇଁ (ଏଫିସୀ ୫:୧୯) ପ୍ରଭୁଭୋଜରେ ଭାଗ ନେବାକୁ (୧ମ କରିନ୍ଥୀ ୧୧), ଓ ଦାନ ଦେବା (୧ମ କରିନ୍ଥୀ ୧୬:୨) ନିମନ୍ତେ ସମ୍ମିଳିତ ହୁଅନ୍ତି ।

ତାହାଙ୍କ ପ୍ରଜାମାନେ ଯେପରି ନିଷ୍କଳଙ୍କ ଓ ନିଖୁନ୍ତ ରହନ୍ତି ଏହା ଈଶ୍ୱର ଇଚ୍ଛା କରନ୍ତି । (ଏଫିସୀ ୫:୨୭) । ସମସ୍ତ ଜଗତରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରକାଶ କରିବା (ମାର୍କ ୧୬:୧୫,୧୬) ଓ ଦରିଦ୍ରମାନଙ୍କୁ ସାହାଯ୍ୟ କରିବା (ଯାକୁବ ୧:୨୭) ଏହାର ଉଦ୍ଦେଶ୍ୟ । ବିଶ୍ୱସ୍ତ ଲୋକ ସମସ୍ତେ ଜୀବନର ମୁକୁଟ ପାଇବେ । (ପ୍ରକାଶିତ ୨:୧୦: ମାଥିଉ ୨୫ ଅଧ୍ୟାୟ) ।

ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ - ଈଶ୍ୱରଙ୍କ ମଣ୍ଡଳୀ । ବାଇବଲରେ ଏହି ଏକମାତ୍ର ମଣ୍ଡଳୀର ବର୍ଣ୍ଣନା ପାଇପାରିବେ । ଏହାର ବିଷୟରେ ଅଧିକ ଜାଣି, ଏହାର ସଭ୍ୟ ହୁଅନ୍ତୁ । ତେବେ ଯାଇ ଆପଣ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇପାରିବେ ।

- J.C. Choate

❋ ❋ ❋

# "ନୋହଙ୍କ ସମୟରେ ଯେ ପ୍ରକାର ଘଟିଥିଲା..."

## (As the days of Noah were...)

ମାଥିଉ ଲିଖିତ ସୁସମାଚାରର ୨୪ ପର୍ବ ଓ ୩ୟ ପଦରେ ଯୀଶୁଖ୍ରୀଷ୍ଟ ଯିରୁଶାଲମ ମନ୍ଦିରରୁ ବାହାରି ଆସୁଥିବା ସମୟରେ, ତାହାଙ୍କର ଶିଷ୍ୟମାନେ ତାହାଙ୍କୁ ଯିରୁଶାଲମ ମନ୍ଦିରର ପତନ ବିଷୟ ତଥା ତାହାଙ୍କ ଆଗମନର ଲକ୍ଷଣ ବିଷୟରେ ପ୍ରଶ୍ନ ପଚାରିଥିବାର ପଢ଼ିପାରିଥାଉ । ସେମାନଙ୍କ ପ୍ରଥମ ପ୍ରଶ୍ନର ଉତ୍ତର ଅର୍ଥାତ୍ ଯିରୁଶାଲମର ପତନ ବିଷୟରେ ମାଥିଉ ୨୪:୪-୩୫ ପଦଗୁଡ଼ିକରେ ପଢ଼ିପାରୁ । ୨୭ମ ପଦରୁ ତାହାଙ୍କ ଯୁଗାନ୍ତର ଲକ୍ଷଣ ବିଷୟରେ ସେ ଆପଣା ଶିଷ୍ୟମାନଙ୍କୁ ବୁଝାଇ ଦେଇଅଛନ୍ତି । "କିନ୍ତୁ ସେହିଦିନ ଓ ଦଣ୍ଡ ବିଷୟରେ କେହି ଜାଣନ୍ତି ନାହିଁ, ସ୍ୱର୍ଗର ଦୂତମାନେ କିମ୍ବା ପୁତ୍ର ସୁଦ୍ଧା ଜାଣନ୍ତି ନାହିଁ, କେବଳ ମାତ୍ର ପିତା ଜାଣନ୍ତି । ଆଉ, ନୋହଙ୍କ ସମୟରେ ଯେ ପ୍ରକାର ଘଟିଥିଲା,

ମନୁଷ୍ୟପୁତ୍ରଙ୍କର ଆଗମନ ସମୟରେ ସେ ପ୍ରକାର ଘଟିବ । କାରଣ ଜଳପ୍ଲାବନର ପୂର୍ବବର୍ତ୍ତୀ ସମୟରେ ଜାହାଜରେ ନୋହଙ୍କର ପ୍ରବେଶ କରିବା ଦିନ ପର୍ଯ୍ୟନ୍ତ ଲୋକେ ଯେପରି ଭୋଜନପାନ ଏବଂ ବିବାହ କରିବା ଓ ବିବାହ ଦେବାରେ ପ୍ରବୃତ୍ତ ଥିଲେ, ପୁଣି ଜଳପ୍ଲାବନ ଆସି ସମସ୍ତଙ୍କୁ ଭସାଇ ନଦେବା ପର୍ଯ୍ୟନ୍ତ ଯେପରି ଜାଣିନଥିଲେ, ମନୁଷ୍ୟପୁତ୍ରଙ୍କର ଆଗମନ ମଧ୍ୟ ସେହି ପ୍ରକାରେ ହେବ ।'' (ମାଥିଉ ୨୪:୩୬-୩୯) । ଏଠାରେ ପ୍ରଭୁଯୀଶୁ ତାହାଙ୍କ ଆଗମନର ପୂର୍ବବର୍ତ୍ତୀ ସମୟ, ନୋହଙ୍କ ସମୟରେ ଘଟିଥିବା ଜଳପ୍ଲାବନର ପୂର୍ବବର୍ତ୍ତୀ ସମୟତୁଲ୍ୟ ହେବ ବୋଲି ଏହି ବାକ୍ୟଗୁଡ଼ିକରେ ଜଣାଇ ଅଛନ୍ତି ।

ପ୍ରଥମ ମାନବ ଆପଣଙ୍କ ଦଶମ ପୁରୁଷ ନୋହ ତାହାଙ୍କ ସମୟରେ ପୃଥିବୀରେ ମନୁଷ୍ୟମାନଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା । ସଦାପ୍ରଭୁ ଦେଖିଲେ ଯେ ମନୁଷ୍ୟର ଦୁଷ୍ଟତା ଅତି ବଡ଼ ଓ ତାହାର ଅନ୍ତଃକରଣ ଅବିରତ ମନ୍ଦମାତ୍ର । ସେ ମନୁଷ୍ୟମାନଙ୍କ କାର୍ଯ୍ୟକଳାପରେ ଦୁଃଖିତ ହୋଇ, ସେମାନଙ୍କୁ ଜଳପ୍ଲାବନ ଦ୍ୱାରା ବିନିଷ୍ଟ କରିବାକୁ ମନସ୍ଥ କଲେ । କିନ୍ତୁ ଧାର୍ମିକ ନୋହ ପ୍ରଭୁଙ୍କ ଦୃଷ୍ଟିରେ ଅନୁଗ୍ରହ ପ୍ରାପ୍ତ ହେଲେ । ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ନାନା କୋଠରୀଥିବା ଗୋଫର କାଷ୍ଠର ଏକ ବିରାଟ ଜାହାଜ ବନାଇବା ନିମନ୍ତେ ଆଜ୍ଞା ଦେଲେ । ସଦାପ୍ରଭୁଙ୍କ ପ୍ରେରିତ ୪୦ ଦିବାରାତ୍ରର ବର୍ଷାଜଳରେ, ନୋହ ଓ ତାହାଙ୍କ ପରିବାର, ତଥା ପୃଥିବୀସ୍ଥ ପ୍ରତ୍ୟେକ ଜୀବରାଶି ଏକ ଏକ ଦମ୍ପତ୍ତି ସେହି ଜାହାଜରେ ରହି ପ୍ରାଣରକ୍ଷା କରିଥିଲେ । ସୃଷ୍ଟି ଆରମ୍ଭରୁ ସେ ପର୍ଯ୍ୟନ୍ତ ପୃଥିବୀରେ କେବେ ବର୍ଷା ହୋଇନଥିଲା । ତଥାପି ''ବିଶ୍ୱାସ ଦ୍ୱାରା ନୋହ ସେ ସମୟ ପର୍ଯ୍ୟନ୍ତ ଅପ୍ରକାଶିତ ବିଷୟ ସମ୍ବନ୍ଧରେ ପ୍ରତ୍ୟାଦେଶ ପାଇ ଭକ୍ତି ସହକାରେ ଆପଣା ପରିବାରର ରକ୍ଷା ନିମନ୍ତେ ଗୋଟିଏ ଜାହାଜ ନିର୍ମାଣ କଲେ, ପୁଣି ସେହି ବିଶ୍ୱାସ ଦ୍ୱାରା ସେ ଜଗତକୁ ଦୋଷୀ କରି ବିଶ୍ୱାସାନୁଯାୟୀ ଧାର୍ମିକତାର ଅଧିକାରୀ ହେଲେ ।'' (ଏବ୍ରୀ ୧୧:୭) ସେ ଧର୍ମଭ୍ରଷ୍ଟ ଜଗତକୁ ଧର୍ମପ୍ରଚାର କଲେ ସୁଦ୍ଧା, ସେମାନେ ନୋହଙ୍କ ପ୍ରଚାରରେ ବିଶ୍ୱାସ ନକରି ବିନଷ୍ଟ ହୋଇଥିଲେ ବୋଲି ୨ୟ ପିତର ୨:୫ ପଦରେ ପଢ଼ିପାରୁ ।

ନୋହଙ୍କ ସମୟର ଜଳପ୍ଲାବନ ଘଟିବା ପୂର୍ବବର୍ତ୍ତୀ ସମୟର ମନୁଷ୍ୟମାନଙ୍କୁ ଆମ୍ଭେମାନେ ଦୁଇବର୍ଗରେ ବିଭକ୍ତ କରିପାରୁ । ଧାର୍ମିକ ନୋହ ଓ ତାହାଙ୍କ ଭାର୍ଯ୍ୟା, ତଥା ସେମାନଙ୍କ ତିନିପୁତ୍ର ଶେମ୍, ହାମ୍ ଓ ଯାଫେତ୍ । ଏହି ଆଠଜଣ ପ୍ରାଣୀ, ଯେଉଁମାନେ ନୋହଙ୍କ ନିର୍ମିତ ଜାହାଜରେ ପ୍ରବେଶ କରି ପ୍ରାଣ ରକ୍ଷା କରିଥିଲେ । ୨ୟ ବର୍ଗର ଲୋକେ, ନୋହଙ୍କ ପ୍ରଚାରରେ ଅବିଶ୍ୱାସ କରି ଅପହାସ କରି ବିନଷ୍ଟ ହୋଇଥିଲେ । ସେମାନେ, ''.... ଭୋଜନପାନ, ବିବାହ କରିବା ଓ ବିବାହ ଦେବାରେ ପ୍ରବୃତ୍ତ ଥିଲେ । ପୁଣି ଜଳପ୍ଲାବନ ଆସି ସମସ୍ତଙ୍କୁ ଭସାଇ ନଦେବା ପର୍ଯ୍ୟନ୍ତ ଜାଣିନଥିଲେ........'' (ମାଥିଉ ୨୪:୩୮,୩୯)

ପ୍ରଭୁଯୀଶୁଙ୍କ ଆଗମନର ପୂର୍ବବର୍ତ୍ତୀ ସମୟରେ ନିବାସ କରୁଅଛୁ ଯେ ଆମ୍ଭେମାନେ ଆମ୍ଭମାନଙ୍କ ମଧ୍ୟରେ ମଧ୍ୟ ଦୁଇବର୍ଗର ମନୁଷ୍ୟ ଅଛନ୍ତି । ଯେଉଁମାନେ ପ୍ରଭୁଯୀଶୁଙ୍କ ବାକ୍ୟଗ୍ରହଣ କରି, ମନ ପରିବର୍ତ୍ତନ କରି, ବାପ୍ତିସ୍ମ ଗ୍ରହଣ କରି, ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ହୋଇଅଛନ୍ତି, ନୋହ ଓ ତାହାଙ୍କ ପରିବାର ଜାହାଜରେ ରହି ଯେପରି ଜଳପ୍ଲାବନରୁ ରକ୍ଷା ପାଇଥିଲେ ସେହିପରି ଆଗାମୀ ବିନାଶରୁ ରକ୍ଷା ପାଇବେ । ବାକ୍ୟ କହେ, "........ପୁରାକାଳରେ ଆକାଶମଣ୍ଡଳ ଓ ଈଶ୍ବରଙ୍କ ଦ୍ବାରା ଜଳରୁ ନିର୍ଗତ ଓ ଜଳରେ ଅବସ୍ଥିତ ପୃଥିବୀ ଥିଲା, ଆଉ ତଦ୍ବାରା ସେହିକାଳର ଜଗତ ଜଳରେ ପ୍ଲାବିତ ହୋଇ ବିନଷ୍ଟ ହେଲା, ପୁଣି ଏହି ବର୍ତ୍ତମାନ ଆକାଶମଣ୍ଡଳ ଓ ପୃଥିବୀ ସେହି ବାକ୍ୟ ଦ୍ବାରା ଅଧାର୍ମିକ ମାନଙ୍କର ବିଚାର ଓ ବିନାଶର ଦିନ ପର୍ଯ୍ୟନ୍ତ ସଞ୍ଚିତ ହୋଇ ଅଗ୍ନି ନିମନ୍ତେ ରକ୍ଷିତ ହୋଇଅଛି ।" (୨ୟ ପିତର ୩:୫-୭) ଆଉ ଦ୍ବିତୀୟବର୍ଗର ଲୋକେ, ଜାହାଜ ବାହାରେ ଅବିଶ୍ବାସକ, ପରିହାସକ, ସାଂସାରିକ ଚିନ୍ତାରେ ବ୍ୟସ୍ତ, ଜୀବିକା ନିର୍ବାହ ସମ୍ବନ୍ଧୀୟ ବୃତ୍ତିରେ ବ୍ୟସ୍ତ ଲୋକମାନଙ୍କ ସଦୃଶ୍ୟ ବିନଷ୍ଟ ହେବେ ।

ପ୍ରଭୁଙ୍କ ଦ୍ବିତୀୟ ଆଗମନର ଦିନ ଓ ଦଣ୍ଡ ବିଷୟରେ କେହି ଜାଣନ୍ତି ନାହିଁ । ସ୍ବର୍ଗର ଦୂତଗଣ, କିଅବା ଯୀଶୁଖ୍ରୀଷ୍ଟ ମଧ୍ୟ ଜାଣନ୍ତି ନାହିଁ, କେବଳ ପିତା ଜାଣନ୍ତି । (ମାଥିଉ ୨୪:୩୬) । "କିନ୍ତୁ ତୁମ୍ଭେମାନେ ଯେପରି ଆଗାମୀ ଘଟଣାରୁ ରକ୍ଷା ପାଇବାକୁ ଓ ମନୁଷ୍ୟପୁତ୍ର ଛାମୁରେ ଉଭା ହେବାକୁ ସମର୍ଥ ହୁଅ, ଏଥିନିମନ୍ତେ ପ୍ରାର୍ଥନା କରି ଜାଗିରୁହ ।" (ଲୂକ ୨୧:୩୬) । ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକୁ କହନ୍ତି, "ହେ ଭାଇମାନେ, କାଳ ଓ ନିର୍ଦ୍ଦିଷ୍ଟ ସମୟ ସମ୍ବନ୍ଧରେ ତୁମ୍ଭମାନଙ୍କ ନିକଟକୁ କିଛି ଲେଖିବାର ଆବଶକ ନାହିଁ, କାରଣ ରାତ୍ରୀରେ ଚୋର ଆସିଲା ପରି ପ୍ରଭୁଙ୍କ ଦିନ ଯେ ଆସିବ, ଏହା ତୁମ୍ଭେମାନେ ଉତ୍ତମରୂପେ ଜାଣ । ଯେତେବେଳେ ଲୋକେ ଶାନ୍ତି ଓ ନିରାପଦ ବୋଲି କହୁଥିବେ, ସେତେବେଳେ ଗର୍ଭବତୀର ପ୍ରସବବେଦନା ତୁଲ୍ୟ ହଠାତ୍ ସେମାନଙ୍କ ବିନାଶ ଉପସ୍ଥିତ ହେବ, ଆଉ ସେମାନେ କୌଣସି ପ୍ରକାରେ ରକ୍ଷା ପାଇବେ ନାହିଁ ।" (୧ମ ଥେସ ୫:୧-୩)

ନୋହଙ୍କ ସମୟରେ ଲୋକେ ଯେପରି ସଦାପ୍ରଭୁଙ୍କ ବାକ୍ୟ ଅବିଶ୍ବାସ, ଅମାନ୍ୟ, ଅବହେଳା, ପରିହାସ କରି ଭୋଜନପାନ, ବିବାହ କରିବାରେ ଓ ବିବାହ ଦେବାରେ ନିବୃତ୍ତ ଥିଲେ, ଆମ୍ଭେମାନେ ସେମାନଙ୍କ ସଦୃଶ୍ୟ ନହୋଇ ପ୍ରଚାରିତ ବାକ୍ୟରେ ମନୋଯୋଗ କରି ସାବଧାନ ରହୁ । "କାରଣ ସେହିଦିନ ଫାନ୍ଦସ୍ବରୂପ ସମଗ୍ର ପୃଥିବୀ ନିବାସୀ ସମସ୍ତଙ୍କ ଉପରେ ପଡ଼ିବ ।" (ଲୂକ ୨୧:୩୬)

**- Kabita Gootam**

❋ ❋ ❋

# ସ୍ୱର୍ଗକୁ ଯିବା ପଥ
## (The way to Heaven)

ସ୍ୱର୍ଗକୁ ଯିବା ପଥ ବିଷୟରେ ବାଇବଲରେ ସୁନ୍ଦର ଭାବେ ବର୍ଣ୍ଣିତ କରାଯାଇଅଛି । ଆମ୍ଭମାନଙ୍କର ପରିତ୍ରାଣ ନିମନ୍ତେ ପ୍ରେମମୟ ପିତା ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରିଥିଲେ । ଈଶ୍ୱରଙ୍କ ଆଜ୍ଞା ସକଳ ପାଳନ କରି, ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିଲେ ଆମ୍ଭେମାନେ ଅନନ୍ତଜୀବନ ରୂପ ମୁକୁଟ ପାଇପାରିବା ।

ନୂତନ ନିୟମରେ ବର୍ଣ୍ଣିତ ଖ୍ରୀଷ୍ଟଧର୍ମ ରୂପକ ପଥ ସ୍ୱର୍ଗକୁ ଘେନିଯିବା ଏକମାତ୍ର ପଥ ଅଛି ବୋଲି ଯୋହନ ୧୪:୬ ପଦରେ ପଢ଼ିପାରୁ । ଏହି ଉତ୍କୃଷ୍ଟତମ ପଥ ବିଷୟରେ ପାଉଲ ଆମ୍ଭମାନଙ୍କୁ ୧ମ କରିନ୍ଥୀ ୧୨:୩୧ ପଦରେ ବର୍ଣ୍ଣିତ କରନ୍ତି । ଏବ୍ରୀ ପତ୍ରିକାର ଲେଖକଙ୍କ ଭାଷାରେ ଏହା ଏକ ନୂତନ ଓ ଜୀବନଦାୟକ ପଥ ଅଟେ । (ଏବ୍ରୀ ୧୦:୨୦) ଯଦିଓ ଏହି ଏକମାତ୍ର ପଥ ବିଷୟରେ ବାଇବଲ ସରଳଭାବେ ଆମ୍ଭମାନଙ୍କୁ ବୁଝାଇ ଦିଏ, ଅନେକେ ଅନେକ ପଥଗୁଡ଼ିକ ବିଷୟରେ ଶିକ୍ଷାଦିଅନ୍ତି । ଗାଲାତୀ ମଣ୍ଡଳୀକୁ ପାଉଲ ସତର୍କ କରି କହନ୍ତି,"ଖ୍ରୀଷ୍ଟଙ୍କ ଅନୁଗ୍ରହରେ ଯେ ଆହ୍ୱାନ କଲେ, ତାହାଙ୍କ ଠାରୁ ତୁମ୍ଭେମାନେ ଯେ ଏଡ଼େ ଶୀଘ୍ର ବିମୁଖ ହୋଇ ଅନ୍ୟ ସୁସମାଚାର ପ୍ରତି ଅନୁରକ୍ତ ହେଉଅଛ, ଏଥିରେ ମୁଁ ଚମତ୍କୃତ ହେଉଅଛି, ତାହା ଅନ୍ୟ ସୁସମାଚାର ସୁଦ୍ଧା ନୁହେଁ, କେବଳ କେତେକ ତୁମ୍ଭମାନଙ୍କୁ ଅସ୍ଥିର କରୁଅଛନ୍ତି ଓ ଖ୍ରୀଷ୍ଟଙ୍କ ସୁସମାଚାରକୁ ବିକୃତ କରିବାକୁ ଇଚ୍ଛା କରୁଅଛନ୍ତି ।" (ଗାଲାତୀ ୧:୬-୭)

ସଦାପ୍ରଭୁ ଆମ୍ଭମାନଙ୍କୁ ଏକ ସିଦ୍ଧ ବ୍ୟବସ୍ଥା (ଯାକୁବ ୧:୨୫) ଦେଇଥିବାରୁ, ଆମ୍ଭେମାନେ ସଦା କୃତଜ୍ଞ ହୋଇରହୁ । ଯାହାଦ୍ୱାରା ଆମ୍ଭେମାନେ ସ୍ୱର୍ଗକୁ ଯିବା ବା ପୁସ୍ତକ ବ୍ୟତୀତ ଆମ୍ଭମାନଙ୍କୁ ଆଉ କୌଣସି ପୁସ୍ତକ ସତ୍ୟପଥରେ କଢ଼ାଇ ନେଇପାରେ ନାହିଁ । "ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।" (୨ ତୀମଥି ୩:୧୬-୧୭)

ସ୍ୱର୍ଗକୁ ଯିବା ଐଶ୍ୱରିକ ପଥ, ପରମେଶ୍ୱରଙ୍କ ଦ୍ୱାରା ଯୋଜିତ ଏବଂ ତାହାଙ୍କ ପୁତ୍ର ଆମ୍ଭମାନଙ୍କ ପଥ ଦର୍ଶକ । ସ୍ୱର୍ଗକୁ ଯିବାର ପଥର କୋଡୋଟି ସ୍ମରଣୀୟ ଚିହ୍ନ :

**ପବିତ୍ରତାର ପଥ :**

ସ୍ୱର୍ଗକୁ ଘେନି ଯିବା ପଥ ପବିତ୍ରତାର ପଥ । "ପୁଣି, ସେଠାରେ ଏକ ରାଜଦାଣ୍ଡ ଓ ପଥ ହେବ, ତାହା ପବିତ୍ରତାର ପଥ ବୋଲି ବିଖ୍ୟାତ ହେବ, ତାହା କେବଳ ସେମାନଙ୍କ ନିମନ୍ତେ ହେବ, ମାତ୍ର କୌଣସି ଅଶୁଚି ଲୋକ ତହିଁ ଉପରେ ଗମନ କରିବ ନାହିଁ, ପଥିକମାନେ ଓ ଅଜ୍ଞାନମାନେ ହିଁ ତହିଁରେ ଭ୍ରାନ୍ତ ହେବେ ନାହିଁ । (ଯିଶାଇୟ ୩୫:୮) "ଅଶୁଚି ଲୋକ ତହିଁ ଉପରେ ଗମନ କରିବେ ନାହିଁ" ଅର୍ଥାତ୍ ଯେଉଁମାନେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୌତ ନହୋଇ ଶୁଚି ହୋଇ ନାହାନ୍ତି ସେମାନେ ସେହି ପଥରେ ଗମନ କରିପାରିବେ ନାହିଁ । (ଏଫିସୀ ୧:୭) ଅଧାର୍ମିକ ଓ ଅଶୁଚି ଲୋକେ ଏହି ପଥରେ ଯାତ୍ରା କରିପାରିବେ ନାହିଁ । ଯେଉଁମାନେ ଈଶ୍ୱରଙ୍କ ଆଜ୍ଞା ପାଳନ କରି ଖ୍ରୀଷ୍ଟଙ୍କ ଠାରେ ଅଛନ୍ତି, ସେମାନଙ୍କ ନିମନ୍ତେ ଏହି ପଥ ପ୍ରସ୍ତୁତ କରାଯାଇଅଛି । ଏହି ସରଳ ପଥ ବିଷୟରେ ମୁର୍ଖମାନେ ସୁଦ୍ଧା ଭ୍ରାନ୍ତ ହୋଇ ନପାରନ୍ତି ।

**ସିଧା ଓ ସଂକୀର୍ଣ୍ଣ :**

ସ୍ୱର୍ଗକୁ ଘେନିଯିବା ଦ୍ୱାର ସିଧା ଓ ସଂକୀର୍ଣ୍ଣ । "ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର, କାରଣ ସର୍ବନାଶକୁ ଘେନିଯିବା ଦ୍ୱାର ଓସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ । ଆଉ, ଜୀବନକୁ ଘେନିଯିବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ, ତାହାର ସନ୍ଧାନ ପାଇବା ଲୋକେ ଧନ୍ୟ ।" (ମାଥିଉ ୭:୧୩-୧୪)

ଓସାର ଦ୍ୱାର ଓ ପ୍ରଶସ୍ତ ପଥ ଆତ୍ମମାନଙ୍କୁ ସର୍ବନାଶକୁ ଘେନିଯାଏ । ଯେଉଁମାନେ ପାପରେ ମୃତ ଓ ଖ୍ରୀଷ୍ଟଙ୍କ ରକ୍ତରେ ଧୌତ ହୋଇ ନାହାନ୍ତି ସେମାନେ ଏହି ପଥର ପଥିକ । ଯୀଶୁଙ୍କ ବ୍ୟକ୍ତ ଅନ୍ୟ ମାର୍ଗ ସିଧା ଓ ସଂକୀର୍ଣ୍ଣ, ତାହା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆତ୍ମମାନଙ୍କୁ ଜୀବନକୁ ଘେନିଯାଏ । ଯୀଶୁ କହିଲେ, "......ମୁଁ ପଥ, ସତ୍ୟ ଓ ଜୀବନ । ମୋ' ଦେଇ ନଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।" (ଯୋହନ ୧୪:୬) ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଆମ୍ଭେମାନେ ସଦାପ୍ରଭୁଙ୍କ ନିକଟକୁ ତଥା ସ୍ୱର୍ଗକୁ ଯିବାର ପଥରେ ଗମନ କରିପାରୁ । ଅଳ୍ପ ଲୋକେ ଏହି ପଥର ସନ୍ଧାନ ପାଇପାରିବେ । "ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।" (ମାଥିଉ ୭:୨୧) । ଯେଉଁମାନେ ପରମେଶ୍ୱରଙ୍କ ପରିତ୍ରାଣର ଯୋଜନାର ଆଜ୍ଞାବହ ହୋଇଅଛନ୍ତି, କେବଳ ସେମାନେ ସ୍ୱର୍ଗରେ ବାସ କରିପାରିବେ ।

## ପଥର ଦ୍ୱାର :

ବାଇବଲର ଅନେକ ଆଜ୍ଞାଗୁଡ଼ିକ ଦ୍ୱାରା ସ୍ୱର୍ଗର ଦ୍ୱାର ଗଠିତ । ପ୍ରଥମେ, ମନୁଷ୍ୟକୁ ପରମେଶ୍ୱରଙ୍କ ବାକ୍ୟ ଶୁଣିବା ଆବଶ୍ୟକ । ''ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।'' (ରୋମୀୟ ୧୦:୧୭) ଈଶ୍ୱରଙ୍କ ବାକ୍ୟ ଶ୍ରବଣ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଠାରେ ଓ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଠାରେ କାର୍ଯ୍ୟସାଧକ ବିଶ୍ୱାସ ପ୍ରାପ୍ତ ହୋଇଥାଉ । (ଏବ୍ରୀ ୧୧:୬, ଯାକୁବ ୨:୨୬) ବିଶ୍ୱାସ ଆମ୍ଭମାନଙ୍କୁ ମନ ପରିବର୍ତ୍ତନର ନିକଟ ଘେନିଯାଏ । (ପ୍ରେରିତ ୨:୩୮, ୧୭:୩୦) ମନ ପରିବର୍ତ୍ତନ ଦ୍ୱାରା ଆମ୍ଭେମାନେ ଏକ ଉତ୍କୃଷ୍ଟତର ଜୀବନକୁ ପରିବର୍ତ୍ତିତ ହୋଇଥାଉ । ତତ୍ପରେ ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ଆବଶ୍ୟକ । (ରୋମ ୧୦:୧୦, ପ୍ରେରିତ ୮:୩୭) ତତ୍ ପରବର୍ତ୍ତୀ ପାହାଚ ବାପ୍ତିସ୍ମ ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ବାପ୍ତିସ୍ମ ନେଇ ଖ୍ରୀଷ୍ଟିୟାନ ହୋଇଥାଉ । (ପ୍ରେରିତ ୨୭:୧୬, ଯୋହନ ୩:୫, ୧ମ ପିତର ୩:୨୧) ବାପ୍ତିସ୍ମ, ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଶରୀରର ରୂପ ମଣ୍ଡଳୀରେ ସଂଯୁକ୍ତ କରେ । (କଲସୀ ୧:୧୮, ଏଫିସୀ ୧:୨୨,୨୩) ଏହି କର୍ମ ଦ୍ୱାରା ଆମ୍ଭେମାନେ ନୂତନ ନିୟମ ମଣ୍ଡଳୀରେ ସଭ୍ୟ ହୋଇଥାଉ । (ପ୍ରେରିତ ୨:୪୭) ଯେଉଁମାନେ ନୂତନ ନିୟମରେ ପ୍ରକଟିତ ପରମେଶ୍ୱରଙ୍କ ଏହିସବୁ ଆଜ୍ଞା ପାଳନ କରନ୍ତି, ପରମେଶ୍ୱର ସେମାନଙ୍କୁ ଆପଣା ମଣ୍ଡଳୀର ସଂଯୁକ୍ତ କରନ୍ତି ।

ଆମ୍ଭେମାନେ ଦ୍ୱାରରେ ପ୍ରବେଶ କଲେ ହେଁ, ନିର୍ଦ୍ଦେଶିତ ପଥ ଅନୁସରଣ ନକଲେ ପଥହରା ହେବାର ସମ୍ଭାବନା ଅଛି । ଥରେ ପାପରୁ ମୁକ୍ତ ହେବା ପରେ ମନୁଷ୍ୟ ସର୍ବଦା ପାପରୁ ମୁକ୍ତ ବୋଲି ବାଇବଲ ଶିକ୍ଷା ଦିଏ ନାହିଁ । ପଥହରା ହେବାର ସମ୍ଭାବନା ଅଛି ବୋଲି ପୁରାତନ ନିୟମରେ, ତଥା ନୂତନ ନିୟମରେ ଅନେକ ସର୍ତ୍ତକବାଣୀ ଲିଖିତ ହୋଇଅଛି । ଏବ୍ରୀ ୩:୧୨, ୬:୪-୬, ୧ମ କରିନ୍ଥୀ ୧୦:୧୨, ୯:୨୭, ୧ମ ତୀମଥି ୫:୮, ଗାଲାତୀ ୫:୧୯-୨୧ ସେ ମଧ୍ୟରେ ଅନ୍ୟତମ ।

ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ଦ୍ୱାରା ଆମ୍ଭେମାନେ ସ୍ୱର୍ଗର ପଥରୁ ବିଚ୍ୟୁତ ହେବାର ସମ୍ଭାବନା ନାହିଁ । (ପ୍ରେରିତ ୨:୪୨) ଯୁବକ ତୀମଥିଙ୍କୁ ପାଉଲ କହନ୍ତି,''ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।'' (୨ୟ ତୀମଥି ୨:୧୫) ବାକ୍ୟଧ୍ୟାନ ଆମ୍ଭମାନଙ୍କୁ ଶକ୍ତି

ଦିଏ ଏବଂ ଆମ୍ଭମାନଙ୍କ କାର୍ଯ୍ୟକଳାପ ବିଷୟରେ ସତର୍କ କରାଏ । ସ୍ୱର୍ଗର ପଥିକ ନିରନ୍ତର ପ୍ରାର୍ଥନା କରେ । (୧ମ ଥେସ ୫:୧୭) ସପ୍ତାହରେ ପ୍ରଥମ ଦିବସରେ ପ୍ରଭୁଭୋଜରେ ଭାଗୀ ହେବା ଦ୍ୱାରା ପଥଚ୍ୟୁତ ନହେବାରେ ସାହାଯ୍ୟ କରେ । (୧ମ କରିନ୍ଥୀ ୧୧:୨୩-୨୯, ପ୍ରେରିତ ୨:୪୨) ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ସକଳ ପାଳନ କରି ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିଲେ, ଜୀବନରୂପ ମୁକୁଟ ପ୍ରାପ୍ତ ହୋଇପାରିବା ।

ଆପଣ କେଉଁ ପଥରେ ଯାତ୍ରା କରୁଅଛନ୍ତି ? ଆପଣ ପରମେଶ୍ୱରଙ୍କ କିଅବା ମନୁଷ୍ୟମାନଙ୍କ ଆଜ୍ଞା ପାଳନ କରୁଅଛନ୍ତି ? ଆପଣଙ୍କ ଆତ୍ମାର ନିତ୍ୟ ନିବାସ ସ୍ଥଳ ଆପଣଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରେ । "ଜୀବନବୃକ୍ଷରେ ଅଧିକାରୀ ହେବା ନିମନ୍ତେ ଓ ଦ୍ୱାର ଦେଇ ନଗରୀରେ ପ୍ରବେଶ କରିବା ନିମନ୍ତେ ଯେଉଁମାନେ ଆପଣା ଆପଣା ବସ୍ତ୍ର ଧୌତ କରିଅଛନ୍ତି ସେମାନେ ଧନ୍ୟ ।" (ପ୍ରକାଶିତ ୨୨:୧୨୧) ସ୍ୱର୍ଗକୁ ଘେନିଯିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଏକମାତ୍ର ପଥ ଅଟନ୍ତି । ଏହା ହିଁ ସୁସମାଚାରର ନିଗୂଢ଼ ସତ୍ୟ ।

- **Steve Miller**

❋ ❋ ❋

## ଶାନ୍ତିରେ ରହୁ !
## (To be at peace)

"ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ ।" (ରୋମ ୧୨:୧୮) ଖ୍ରୀଷ୍ଟିୟାନମାନେ ସମସ୍ତଙ୍କ ସହିତ ଶାନ୍ତିରେ ରହି କି ବିଶ୍ୱସ୍ତ ଜୀବନଯାପନ କରିପାରିବେ ? ସମସ୍ତଙ୍କ ସହିତ ଶାନ୍ତିରେ ରହିବା ପାଇଁ ଆମ୍ଭେମାନେ କି ଈଶ୍ୱରଙ୍କ ଆଜ୍ଞା ଅମାନ୍ୟ କରୁ ? ଆମ୍ଭେମାନେ ଜାଣୁ ଯେ ଖ୍ରୀଷ୍ଟିୟାନମାନେ ଶାନ୍ତିଦୂତ ଅଟନ୍ତି । କାରଣ ବାକ୍ୟ କହେ, "ଶାନ୍ତି କାରକ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବେ ।" (ମାଥିଉ ୫:୯) ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି, "ଅତଏବ ଆସ, ଯେ ଯେ ବିଷୟ ଶାନ୍ତିଜନକ, ଆଉ ଯେ ଯେ ବିଷୟ ପରସ୍ପର ନିଷ୍ଠା ହୁଏ । ସେହିସବୁର ଆମ୍ଭେମାନେ ଅନୁଗମନ କରୁ ।" (ରୋମୀୟ ୧୪:୧୯) ଈଶ୍ୱର ଆମ୍ଭମାନଙ୍କୁ ଶାନ୍ତିରେ ଆଚରଣ କରିବାକୁ ଆହ୍ୱାନ କରିଅଛନ୍ତି । (୧ମ କରିନ୍ଥୀ ୭:୧୫) "ପୁଣି, ଖ୍ରୀଷ୍ଟଦତ୍ତ ଯେଉଁ

ଶାନ୍ତି ଭୋଗ କରିବା ନିମନ୍ତେ ତୁମ୍ଭେମାନେ ଏକ ଶରୀର ରୂପେ ଆହୂତ ହୋଇଅଛ, ତାହା ତୁମ୍ଭମାନଙ୍କ ହୃଦୟରେ ରାଜତ୍ୱ କରୁ, ପୁଣି ତୁମ୍ଭେମାନେ ଧନ୍ୟବାଦ ଦିଅ ।'' (କଲସୀ ୩:୧୫) ଶାନ୍ତିର ଅନୁଗାମୀ ହେବା ନିମନ୍ତେ ଯୁବକ ତୀମଥିଙ୍କୁ ପ୍ରେରିତ ପାଉଲଙ୍କ ଦ୍ୱାରା ଦୃଢ଼ ଭାବେ ଆଜ୍ଞା ଦେଇଥିଲେ । (୨ ତୀମଥି ୨:୨)

ପ୍ରେରିତ ପାଉଲ ବିଜାତୀମାନଙ୍କୁ ଲେଖିଥିବା ପ୍ରତ୍ୟେକ ପତ୍ରରେ, ପରମେଶ୍ୱରଙ୍କ ଠାରୁ ଅନୁଗ୍ରହ, ଦୟା ଓ ଶାନ୍ତିର ବିଷୟ ଲେଖିଅଛନ୍ତି । ପ୍ରଶ୍ନ ଉଠେ, ଖ୍ରୀଷ୍ଟିୟାନ କେତେ ଦୂର ଅନ୍ୟମାନଙ୍କ ସହିତ ଆପୋଷ ନିଷ୍ପତ୍ତି ସହଯୋଗ ରଖିପାରିବ ?

ବାଇବଲ ଆମ୍ଭମାନଙ୍କୁ ଈଶ୍ୱରଙ୍କ ବାକ୍ୟ ବିଷୟରେ କହେ, ''ତୁମ୍ଭର ବାକ୍ୟ ତ' ସତ୍ୟ ।'' (ଯୋହନ ୧୭:୧୭) ସତ୍ୟ କେବଳ ପରିବର୍ତ୍ତନ ନାହିଁ । ପରିବର୍ତ୍ତନ କରିବା ଲୋକେ ଅଭିଶପ୍ତ ହେବେ । (ଗାଲାତୀ ୧:୬-୯)

ଅତଏବ, ଯେଉଁମାନେ ନୂତନ ନିୟମର ମଣ୍ଡଳୀରେ ସଂଯୁକ୍ତ ହୋଇଅଛନ୍ତି ତାହାଙ୍କ ସହିତ ଶାନ୍ତିରେ ରହିବା ଆବଶ୍ୟକ । (ପ୍ରକାଶିତ ୨୨:୧୮) କିନ୍ତୁ ଯେଉଁମାନେ ଖ୍ରୀଷ୍ଟଙ୍କ ବ୍ୟକ୍ତ ବାକ୍ୟ ଅମାନ୍ୟ କରନ୍ତି ସେମାନଙ୍କ ସହିତ ଶାନ୍ତିରେ ସମାଧାନ କରନ୍ତୁ । ବାକ୍ୟ କହେ,''ପୁଣି କେହି ଯଦି ଏହି ଭାବବାଣୀ ପୁସ୍ତକର କୌଣସି ବାକ୍ୟ ଲୋପ କରେ, ତେବେ ଈଶ୍ୱର ଏହି ପୁସ୍ତକରେ ଲିଖିତ ଜୀବନ ବୃକ୍ଷ ଓ ପବିତ୍ର ନଗରୀରେ ତାହାର ଅଂଶ ଲୋପ କରିବେ ।'' (ପ୍ରକାଶିତ ୨୨:୧୯)

ଯେଉଁମାନେ ଖ୍ରୀଷ୍ଟଙ୍କ ବ୍ୟବସ୍ଥାରେ ଅଟମନ ଅଟନ୍ତି ସେମାନଙ୍କ ସହିତ ସହଯୋଗ କରିବା ବିଷୟରେ ଆମ୍ଭମାନଙ୍କ ପ୍ରିୟ ପ୍ରେରିତ ଯୋହନ ଆମ୍ଭମାନଙ୍କୁ ସତର୍କ କରନ୍ତି । ତାହାଙ୍କ ପ୍ରିୟ ସନ୍ତାନମାନଙ୍କୁ ସେ କହନ୍ତି,''ଯେକେହି ଖ୍ରୀଷ୍ଟଙ୍କ ସୀମା ମଧ୍ୟରେ ନରହି ତାହା ଅତିକ୍ରମ କରେ, ସେ ଈଶ୍ୱରଙ୍କୁ ପାଇନାହିଁ, ଯେ ଶିକ୍ଷାର ସୀମା ମଧ୍ୟରେ ରହେ, ସେ ପିତା ଓ ପୁତ୍ର ଉଭୟଙ୍କୁ ପାଇନାହିଁ । କେହି ଯଦି ଏହି ଶିକ୍ଷା ନ ଘେନି ତୁମ୍ଭମାନଙ୍କ ନିକଟକୁ ଆସେ, ତେବେ ତାହାକୁ ସମ୍ବର୍ଦ୍ଧନା ଜଣାଏ, ସେ ତାହାର ଦୁଷ୍କର୍ମର ସହଭାଗୀ ହୁଏ ।'' ( ୨ ଯୋହନ ୯-୧୦) ଏହି ବାକ୍ୟର ପୂର୍ବ ବାକ୍ୟରେ ଏପରି ଲେଖାଯାଏ,''ତୁମ୍ଭେମାନେ ଯେପରି ଆମ୍ଭମାନଙ୍କର କୃତକର୍ମର ଫଳ ନ ହରାଇ ବରଂ ସେଥିର ପୂର୍ଣ୍ଣ ପୁରସ୍କାର ପ୍ରାପ୍ତ ହୁଅ, ସେଥି ନିମନ୍ତେ ଆପଣା ଆପଣା ବିଷୟରେ ସାବଧାନ ହୁଅ ।'' (୮ମ ପଦ)

ପ୍ରତ୍ୟେକ ମନୁଷ୍ୟ ସହିତ ଶାନ୍ତିରେ ବାସ କରିବା ନିମନ୍ତେ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ସୀମାର ବାହାର ନଯାଉ । ପରିତ୍ରାଣର ଯୋଜନାରେ, ଆରାଧନାର ପଦ୍ଧତିରେ

କିଅବା ଖ୍ରୀଷ୍ଟିୟାନ ଜୀବନଯାପନ କରିବାରେ ଆମ୍ଭେମାନେ ଆପୋଷ ନିଷ୍ପତ୍ତି ନକରେଉ । ପାଉଲ କହନ୍ତି,"ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ " (୨ୟ ତୀମଥି ୩:୧୬-୧୭)

ଈଶ୍ୱରଙ୍କ ବାକ୍ୟ ଅପରିବର୍ତ୍ତନୀୟ । ଅନ୍ୟମାନଙ୍କ ସହିତ ଶାନ୍ତିରେ ରହିବା ନିମନ୍ତେ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ପରିବର୍ତ୍ତନ ନକରୁ । ବାଇବଲ କହିବା ବିଷୟ ଆମ୍ଭେମାନେ କହିବା ଦ୍ୱାରା ମୌନ ରହିବା ବିଷୟରେ ମୌନ ରହିବା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟୀୟ ଜଗତରେ ଏକତା ଆଣିପାରିବା । ଆଲୋକ ଓ ଅନ୍ଧକାର ସତ୍ୟ ଓ ଅସତ୍ୟ ଏକସ୍ଥାନରେ ବାସ କରିନପାରେ ।

ଆଧୁନିକ ଯୁଗର ପ୍ରଚାରିକା, ସ୍ତ୍ରୀ, ଅଧ୍ୟକ୍ଷ, ଯାନ୍ତ୍ରିକ, ବାଦ୍ୟ ସଂଗୀତ, ମତଶାଖା ମାନଙ୍କ ସହିତ ସହଭାଗିତା ଏପରି ଆନ୍ଦୋଳନ ଈଶ୍ୱରଙ୍କ ଧର୍ମଶାସ୍ତ୍ର ସମ୍ବନ୍ଧୀୟ ନୁହେଁ ।

ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ତୁଚ୍ଛଜ୍ଞାନ କରି, ତାହା ପରିବର୍ତ୍ତନ କରିବାରେ ଲାଗି ରହିଥାନ୍ତି ସେମାନେ ଗୁରୁତର ଭାବେ ଦଣ୍ଡିତ ହେବେ । ଏତଦ୍ୱାରା ପିତା ପରମେଶ୍ୱର, ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କ ସହଭାଗିତାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ଆମ୍ଭେମାନେ ଭ୍ରମ ଓ ଦୁଷ୍ଟତାରେ ଜୀବନଯାପନ କରିଥାଉଁ । ଯଦି ଆମ୍ଭେ ବାଇବଲର ବାକ୍ୟ ଈଶ୍ୱର ନିଃଶ୍ୱସିତ ବୋଲି ଦୃଢ଼ରୂପେ ବିଶ୍ୱାସ କରୁ, ତାହା ପରିବର୍ତ୍ତନ କରିବା କେତେ ଭୟଙ୍କର !

ଶାନ୍ତିରେ ବାସ କରିବା ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କ ଲକ୍ଷ୍ୟ ହେଉ । ପିତର କହନ୍ତି,"ସେ ମନ୍ଦରୁ ବିମୁଖ ହୋଇ ସତ୍କର୍ମ କରୁ । ସେ ଶାନ୍ତି ଅନ୍ୱେଷଣ କରି ସେଥିର ଅନୁଗାମୀ ହେଉ । (୧ମ ପିତର ୩:୧୧) କିନ୍ତୁ ଏହି ଶାନ୍ତି ପରମେଶ୍ୱରଙ୍କ ବାକ୍ୟରୁ ବିରୋଧ ନହେଉ । ଯେତେ ପର୍ଯ୍ୟନ୍ତ ସାଧ୍ୟ, ଅନ୍ୟମାନଙ୍କ ସହିତ ଶାନ୍ତିରେ ରହିବାକୁ ପାଉଲ ଆମ୍ଭମାନଙ୍କୁ ଉତ୍ସାହିତ କରନ୍ତି ଅନ୍ୟମାନଙ୍କ ସହିତ ଆମ୍ଭମାନଙ୍କ ଶାନ୍ତିର, ପ୍ରେମର ସମାଧାନର, ନମ୍ରତାର ବ୍ୟବହାର ଶାନ୍ତି ବାତାବରଣ ସୃଷ୍ଟି କରେ । ତୀମଥିଙ୍କୁ ତଥା ସୁସମାଚାର ଦ୍ୱାରା ଜାତ ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ପାଉଲ ଲେଖନ୍ତି,"ପ୍ରଭୁଙ୍କ ଦାସ ବିରୋଧ କରିବା ଉଚିତ ନୁହେଁ, ମାତ୍ର ସମସ୍ତଙ୍କ ପ୍ରତି କୋମଳ, ଶିକ୍ଷାଦାନରେ ନିପୁଣ ଓ ସହିଷ୍ଣୁ ହେବା ଏବଂ ବିରୋଧୀମାନଙ୍କୁ ମୃଦୁଭାବରେ ଶାସନ କରିବା ଉଚିତ । ତାହାହେଲେ କେଜାଣି ଈଶ୍ୱର ସେମାନଙ୍କୁ ସତ୍ୟ ସମ୍ବନ୍ଧରେ ଜ୍ଞାନପ୍ରାପ୍ତ ହେବା ପାଇଁ ମନ ପରିବର୍ତ୍ତନ ରୂପ ବର ଦେବେ ।" (୨ ତୀମଥି ୨:୨୪-୨୫) ଅନ୍ୟମାନଙ୍କ

ସହିତ ଶାନ୍ତିରେ ରହିବା ନିମନ୍ତେ ଆମ୍ଭେମାନେ ଆମ୍ଭମାନଙ୍କ ଅନନ୍ତଜୀବନ ନ ହରାଉ ।

ଯୀଶୁ କହନ୍ତି, "ମୁଁ ଯେ ପୃଥିବୀରେ ଶାନ୍ତି ଦେବାକୁ ଆସିଅଛି, ଏହା ମନେ କର ନାହିଁ । ଶାନ୍ତି ଦେବାକୁ ନ ଆସି ବରଂ ଖଡ଼୍‌ଗ ଦେବାକୁ ଆସିଅଛି । କାରଣ ମୁଁ ପିତା ସହିତ ପୁତ୍ରର ଓ ମାତା ସହିତ କନ୍ୟାର, ପୁଣି ଶାଶୁ ସହିତ ବୋହୂର ବିରୋଧ ଘଟାଇବାକୁ ଆସିଅଛି । ଆଉ ମନୁଷ୍ୟର ନିଜ ପରିବର୍ତ୍ତନ ହିଁ ତାହାର ଶତ୍ରୁ ହେବେ ।" (ମାଥିଉ ୧୦:୩୪-୩୬)

ଆମ୍ଭମାନଙ୍କ ଅନନ୍ତଜୀବନର ମୂଲ୍ୟ ଦେଇ ଅନ୍ୟମାନଙ୍କ ସହିତ ଶାନ୍ତିରେ ରହିବା ପରମେଶ୍ୱରଙ୍କ ଉଦ୍ଦେଶ୍ୟ ନୁହେଁ । ପିତା ପରମେଶ୍ୱର, ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କ ସହିତ ଶାନ୍ତିରେ ରହିପାରିଲେ ଆମ୍ଭେମାନେ ପ୍ରକୃତରେ ଶାନ୍ତିରେ ରହିପାରିବା ।

**- Fred Dillion**

❋ ❋ ❋

# ଦୁଇଟି ଦ୍ୱାର, ଦୁଇଟି ମାର୍ଗ
## (Two gates, two ways)

"ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର, କାରଣ ସର୍ବନାଶକୁ ଘେନିଯିବା ଦ୍ୱାର ଅସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ । ଆଉ, ଜୀବନକୁ ଘେନିଯିବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ, ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।" (ମାଥିଉ ୭:୧୩,୧୪)

ଗୋଟିଏ ପରିସ୍ଥିତିରୁ କିଅବା ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ପ୍ରବେଶ କରିବା ନିମନ୍ତେ ଦ୍ୱାରର ଆବଶ୍ୟକତା ପଡ଼ିଥାଏ । ପୂର୍ବକାଳରେ ବିଶାଳ ନଗରୀଗୁଡ଼ିକ ଉଚ୍ଚ ପ୍ରାଚୀର ଦ୍ୱାରା ବେଷ୍ଟିତ ହୋଇଥିବାରୁ, ସେହି ନଗରୀରେ ପ୍ରବେଶ କରିବା ନିମନ୍ତେ ଲୋକମାନେ ଦ୍ୱାର ମାଧ୍ୟମରେ ପ୍ରବେଶ କରୁଥିଲେ ।

ଯୀଶୁଖ୍ରୀଷ୍ଟ ଏହି ଜଗତରେ, ନିବାସ କରିବା ସମୟରେ, ଦ୍ୱାରର ପ୍ରାଧାନ୍ୟତା ଜନସାଧାରଣ ଭଲ ରୂପେ ଜାଣିଥିଲେ । ଦ୍ୱାର ଦ୍ୱାରା ପ୍ରବେଶ ନିଷେଧିତ ହେଲେ

ସେମାନେ ନଗର ମଧ୍ୟକୁ ପ୍ରବେଶ କରି ଆବଶ୍ୟକ ବସ୍ତୁ କ୍ରୟ ବିକ୍ରୟ କରି ପାରୁନଥିଲେ । ଏତଦ୍ୱାରା ସେମାନେ ବାଣିଜ୍ୟରେ କ୍ଷତିଗ୍ରସ୍ତ ହେଉଥିଲେ । ନଗରରେ ବାସ କରୁଥିବା ବନ୍ଧୁବାନ୍ଧବମାନଙ୍କ ସହିତ ସାକ୍ଷାତ କରିପାରୁନଥିଲେ । ନଗରର ବାହାରେ ଶତ୍ରୁମାନଙ୍କ ଦ୍ୱାରା ଆକ୍ରମିତ ହେବାର ସମ୍ଭାବନା ମଧ୍ୟ ରହୁଥିଲା । ନଗରର ପ୍ରାଚୀର ମଧ୍ୟରେ ମନ୍ଦିର, ବିଦ୍ୟାଳୟ ପ୍ରଭୃତି ନିର୍ମିତ ହେଉଥିଲା । ଅତଏବ ଦ୍ୱାର ନିକଟରେ ଲୋକେ ପ୍ରବେଶ ନିଷେଧିତ ହେଲେ, ଅନେକେ ଉତ୍ତମ ବିଷୟରୁ ବଞ୍ଚିତ ହେଉଥିଲେ । ରାଜାମାନେ ନଗର ଦ୍ୱାର ନିକଟରେ ଉଚ୍ଚସ୍ତର ଅତିଥିମାନଙ୍କୁ ସ୍ୱାଗତ ଜଣାଉଥିଲେ । ଭାବବାଦୀ ଓ ଶିକ୍ଷକମାନେ ଦ୍ୱାର ନିକଟରେ ଈଶ୍ୱରଙ୍କ ସମାଚାର ପ୍ରକଟ କରୁଥିଲେ । ଏହି ପ୍ରକାରେ ପୁରାତନ ସମୟରେ ନଗର ଦ୍ୱାର ଅତି ପ୍ରାଧାନ୍ୟତା ଲାଭ କରିଥିଲା ।

ଏକ ବିଶାଳ ନଗରୀର ପ୍ରାଚୀରରେ ଅନେକ ଧରଣର ଦ୍ୱାରଗୁଡ଼ିକ ରହୁଥିଲା । ସବୁଠାରୁ ବଡ଼ ଦ୍ୱାରର ପ୍ରାଧାନ୍ୟତା ଅଧିକ ଥିଲା । ବଡ଼ ଦ୍ୱାରଗୁଡ଼ିକରେ ପ୍ରବେଶ ସହଜ ଥିବାରୁ ଅନେକେ ସେହି ଦ୍ୱାର ଦ୍ୱାରା ଯାତ୍ରା କରୁଥିଲେ । ସ୍ୱାଭାବିକ ଭାବେ ସଂକୀର୍ଣ୍ଣ ଦ୍ୱାରଗୁଡ଼ିକ ଅଧିକ ଭାବେ ବ୍ୟବହୃତ ହେଉନଥିଲା । କେବଳ ବିଶେଷ ସମୟରେ ଏପରି ସଂକୀର୍ଣ୍ଣ ଦ୍ୱାରଗୁଡ଼ିକ ବ୍ୟବହୃତ ହେଉଥିଲା ।

ଉପରୋକ୍ତ ମାଥିଉ ୭ମ ପଦର ବାକ୍ୟ, ଯୀଶୁଖ୍ରୀଷ୍ଟ ପୁରାତନ ବ୍ୟବସ୍ଥାର ସମୟରେ କିଅବା ମୋଶାଙ୍କ ବ୍ୟବସ୍ଥା ସମୟରେ ଆପଣା ଶିଷ୍ୟମାନଙ୍କୁ କହିଥିଲେ । କିନ୍ତୁ ଖ୍ରୀଷ୍ଟଙ୍କ ଶିକ୍ଷାର ସମୟ ପାରିଧି ନାହିଁ, ତେଣୁ କରି ଏହି ବାକ୍ୟ ଆମ୍ଭମାନଙ୍କ ନିମନ୍ତେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଅଟେ । ଖ୍ରୀଷ୍ଟଙ୍କ ଠାରେ ପରିତ୍ରାଣ ନିମନ୍ତେ, ଆମ୍ଭେମାନେ ଏକ ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରୁ । କିପରି ଏକ ବ୍ୟକ୍ତି ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରି ପରିତ୍ରାଣ ପାଇପାରେ ? ବିଶ୍ୱାସ (ଯୋହନ ୮:୨୪, ଏବ୍ରୀ ୧୧:୬) ମନପରିବର୍ତ୍ତନ (ଲୂକ ୧୩:୩, ପ୍ରେରିତ ୧୭:୩୦-୩୧) ଖ୍ରୀଷ୍ଟଙ୍କ ଠାରେ ଆପଣା ବିଶ୍ୱାସ ସ୍ୱୀକାର (ପ୍ରେରିତ ୮:୩୭, ରୋମ ୯-୧୦) ଏବଂ ପାପକ୍ଷମା ନିମନ୍ତେ ବୁଡ଼ନ ଗ୍ରହଣ (ମାର୍କ ୧୬:୧୬, ପ୍ରେରିତ ୨:୩୮, ରୋମ ୬:୩-୫) ଏତଦ୍ୱାରା ଆମ୍ଭେମାନେ ଆତ୍ମିକଭାବେ ପରିବର୍ତ୍ତିତ ହୋଇଥାଉ । ଏକ ପରିସ୍ଥିତିରୁ ଅନ୍ୟ ଏକ ପରିସ୍ଥିତିକୁ ସ୍ଥାନାନ୍ତରିତ ହେଉ । (୨ୟ କରିନ୍ଥୀ ୫:୧୭) ଏହି ଦ୍ୱାରରେ ପ୍ରବେଶ କରିବା ଦ୍ୱାରା ଆତ୍ମିକ ମୃତ୍ୟୁରୁ ମୁକ୍ତ ହୋଇ, ଆତ୍ମିକ ଜୀବନରେ ପ୍ରବେଶ କରୁ ।

(କଲସୀ ୨:୧୨-୧୩) ପରମେଶ୍ୱରଙ୍କ ରାଜ୍ୟରେ ନିବାସ କରିବାକୁ ସୁଯୋଗ ପାଉ । ସେଠାରେ ଆମ୍ଭମାନଙ୍କ ଆତ୍ମାର ସୁରକ୍ଷା ।

ଆଜିର ଦୁନିଆରେ ଆମ୍ଭେମାନେ ଅନେକ ପ୍ରକାରର ଦ୍ୱାର ଦେଖିବାକୁ ପାଉ । କେତୋଟି ପୁରାତନ ନଗରମାନଙ୍କରେ ଦ୍ୱାର ଅଛି । ଗୃହଦ୍ୱାର ଦ୍ୱାରା ଆମ୍ଭେମାନେ ଗୃହରେ ପ୍ରବେଶ କରୁ । ଅନେକ ସମୟରେ ଦେଶର ସୀମାରେ ଦ୍ୱାର ଦେଖିବାକୁ ପାଉ । ଆତ୍ମିକ ଜୀବନରେ ମଧ୍ୟ ଦୁଇଟି ଦ୍ୱାର ଅଛି । ଏକ ଜୀବନ ଦ୍ୱାର ଓ ଏକ ମୃତ୍ୟୁର ଦ୍ୱାର ।

'ପଥ' ବା 'ମାର୍ଗ' ବିଷୟରେ ଆମ୍ଭେମାନେ ପ୍ରତ୍ୟେକେ ଜ୍ଞାତ ଅଟୁ । ବଣଜଙ୍ଗଲର ପଥର ଅନ୍ୟ ପାର୍ଶ୍ୱରେ କଅଣ ଅଛି, ଜାଣିନପାରୁ । ପାହାଡ଼ ପର୍ବତର ତିଖ ରାସ୍ତାରେ ଅଜାଗ୍ରତରେ ଚାଲିଲେ ବିପଦର ସମ୍ମୁଖୀନ ହେଉ । ନଗରର ରାସ୍ତାଗୁଡ଼ିକ ଅନେକ ଅର୍ଥ ବ୍ୟୟରେ ମନୁଷ୍ୟମାନଙ୍କ ଉପଯୋଗୀ ରୂପେ ନିର୍ମିତ ହୋଇଥାଏ । ଆତ୍ମିକ ଜୀବନରେ ମଧ୍ୟ ଦୁଇଟି ରାସ୍ତା ଅଛି । ଅନେକେ ଯାତ୍ରା କରୁଥିବା ପାପ ଓ ଆତ୍ମିକ ମରଣର ଓସାର ପଥ (ରୋମୀୟ ୩:୧୦-୨୦,୨୩) ଦ୍ୱିତୀୟଟି ଯୀଶୁଖ୍ରୀଷ୍ଟଙ୍କ ଆତ୍ମିକ ସଂକୀର୍ଣ୍ଣ ପଥ । (ଯୋହନ ୧୪:୬, ଏବ୍ରୀ ୧୦:୧୯-୨୨) ସତ୍ୟର ପଥ କେବେ ବି ସହଜ ନୁହେଁ । ସୁସମାଚାର ରୂପ ପାଦୁକା ପିନ୍ଧି ଖ୍ରୀଷ୍ଟଙ୍କ ମାର୍ଗରେ ଆମ୍ଭେମାନେ ଯାତ୍ରା କଲେ, ଅନନ୍ତଜୀବନ ପ୍ରାପ୍ତ ହୋଇପାରିବା (କଲସୀ ୨:୬, ଏଫିସୀ ୬:୧୫) ଏତଦ୍ୱାରା ଆମ୍ଭେମାନେ ତାହାଙ୍କ ସୁସମାଚାର ଆଜ୍ଞାବହତା ହୋଇ ତାହାଙ୍କ ଶିକ୍ଷାରେ ଆଚରଣ କରୁ । (ମାଥିଉ ୭:୨୧, ୧ମ କରିନ୍ଥୀ ୧୫:୫୮, ୨ ଥେସ ୧:୮, ଏବ୍ରୀ ୮:୧୨-୧୪)

ପ୍ରଭୁଙ୍କ ସହଭାଗିତାରେ ଆମ୍ଭେମାନେ ଆଲୋକସ୍ୱରୂପ ହୋଇ ଆଲୋକରେ ଆଚରଣ କରୁ । (ଏଫିସୀ ୫:୮,୧୫) ଖ୍ରୀଷ୍ଟ ଆମ୍ଭମାନଙ୍କ ଆଦର୍ଶ । ତାହାଙ୍କ ପଦଚିହ୍ନରେ ଆଚରଣ କରୁ । (ଏବ୍ରୀ ୫:୮-୯, ୧ମ ପିତର ୨:୨୧-୨୫) ନୂତନ ନିୟମ ଧ୍ୟାନ କରିବା ଦ୍ୱାରା ଆମ୍ଭେମାନେ କିପରି ଏ ଜୀବନରେ ଯାତ୍ରା କରିପାରିବା ଜ୍ଞାତ ହୋଇପାରିବା । (ଯୋହନ ୮:୩୧-୩୨, ୨ ପିତର ୧:୫) ପଶ୍ଚାତ ବିଷୟସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟଯୀଶୁଙ୍କ ଠାରେ ଈଶ୍ୱରଙ୍କ ସ୍ୱର୍ଗସ୍ଥ ଆହ୍ୱାନର ପଥ ପାଇବା ନିମନ୍ତେ ପ୍ରାଣ ପଣ କରି ଲକ୍ଷ୍ୟସ୍ଥଳକୁ ଦୌଡୁ । (ଫିଲିପୀ ୩:୧୪) ପଥ ବିଚଳିତ ହୋଇ ପଥରୁ ଯେପରି ଖସି ନ ପଡୁ ।

ଏଥି ନିମନ୍ତେ ଆତ୍ମମାନଙ୍କ ବିଷୟରେ ବିଶେଷ ଯତ୍ନ ନେଉ । (୧ମ ଯୋହନ ୧:୭-୧୦, ୨ ପିତର ୧:୧୦-୧୧) ଏହି ଜଗତର କେବଳ ଦୁଇଟି ପଥ ଅଛି । ଜାଗତିକ ଓ ଆତ୍ମିକ । ସନ୍ଧାନ ସହକାରେ ଆମ୍ଭେମାନେ ସତ୍ୟପଥରେ ଧାବମାନ ହେଉ ।

ଅନେକ ଶତାବ୍ଦୀ ପୂର୍ବେ ଯିଶାଇୟ ଭାବବାଦୀ ଖ୍ରୀଷ୍ଟଙ୍କ ମଣ୍ଡଳୀ ରୂପ ରାଜ୍ୟ ବିଷୟରେ, ଦ୍ୱାର ବିଷୟରେ ଭାବବାଣୀ ପ୍ରକଟ କରିଥିଲେ । ‘‘ତୁମ୍ଭେମାନେ ଅଗ୍ରସର ହୁଅ, ନଗର-ଦ୍ୱାର ମଧ୍ୟଦେଇ ଅଗ୍ରସର ହୁଅ, ଲୋକମାନଙ୍କର ପଥ ପ୍ରସ୍ତୁତ କର । ଉଚ୍ଚ କର, ରାଜପଥ ଉଚ୍ଚ କର, ପ୍ରସ୍ତର ସବୁ ବାହାର କରି ସଂଗ୍ରହ କର, ଗୋଷ୍ଠୀ ସମୂହ ନିମନ୍ତେ ଏକ ଧ୍ୱଜା ଉଠାଅ । ଦେଖ, ସଦାପ୍ରଭୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଏହା ଘୋଷଣା କରିଅଛନ୍ତି, ତୁମ୍ଭେମାନେ ସିୟୋନର କନ୍ୟାକୁ କୁହ, ଦେଖ ସଦାପ୍ରଭୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଏହା ଘୋଷଣା କରିଅଛନ୍ତି, ତୁମ୍ଭେମାନେ ସିୟୋନର କନ୍ୟାକୁ କୁହ, ଦେଖ, ତୁମ୍ଭର ପରିତ୍ରାଣ ଆସୁଅଛି, ଦେଖ, ତାହାଙ୍କ ପୁରସ୍କାର ତାହାଙ୍କ ସାଙ୍ଗରେ ଅଛି ଓ ତାହାଙ୍କ ପ୍ରତିଦାନ ତାହାଙ୍କ ସମ୍ମୁଖରେ ଅଛି । ପୁଣି, ଲୋକମାନେ ସେମାନଙ୍କୁ ପବିତ୍ର ଲୋକ, ସଦାପ୍ରଭୁଙ୍କର ମୁକ୍ତ ବୋଲି ଡାକିବେ, ଆଉ ତୁମ୍ଭେ ଅନ୍ୱେଷିତା, ଅପରିତ୍ୟକ୍ତା ନଗରୀ ବୋଲି ଖ୍ୟାତ ହେବ ।’’ (ଯିଶାଇୟ ୬୨:୧୦-୧୨) ‘ପବିତ୍ର ଲୋକ’ ‘ସଦା ପ୍ରଭୁଙ୍କ ମୁକ୍ତ’ ‘ଅନ୍ୱେଷିତା’ ଓ ‘ଅପରିତ୍ୟକ୍ତା’ ନଗରୀ ହେବା ନିମନ୍ତେ ଆସ ଆମ୍ଭେମାନେ ସଂକୀର୍ଣ୍ଣ ଦ୍ୱାର ଓ କଠିନ ମାର୍ଗରେ ପ୍ରବେଶ କରୁ ।

ଜଗତରେ କେବଳ ଦୁଇଟି ଦ୍ୱାର ଓ ଦୁଇଟି ମାର୍ଗ ଅଛି । କେଉଁ ଦ୍ୱାରରେ ଆପଣ ପ୍ରବେଶ କରି ଅଛନ୍ତି ?

**- J.L. Leifeste**

❋ ❋ ❋

**Edited & Published by : Kabita & Joshua Gootam**

# FIRST GIVING OURSELVES TO THE LORD

## 2 Corinthians 8 : 5

## INTRODUCTION :

1. What is Christianity ?
2. So many do not know the meaning.
3. So many call themselves Christinas but never practice Christianity.

## DISCUSSION :

### I. Misconecptions of Christianity.

1. It is all receiving and no giving.
2. Not willing to give of time, money, etc.
3. Never try to convert anyone.
4. But if you never put anything into it you'll never get anything out of it.

### II. God expects something.

1 Must Put God first. (Matthew 6:33)
2. Cannot serve two masters. (Matthew 6:24)
3. Follow Christ daily. (Luke 9:23).
4. Must love Christ more than father or mother.
5. Not to look back.
6. Be faithful to Christ. (Revelation 2:10).

### III. First must give ourselves to the Lord (2 Corinthians 8:5).

1. Then we will have time for him. (Hebrews 10:25; Acts 2:42).
2. We will work for him. (James 1:25).

3. We will be glad to give. (1 Corinthinas 16:2; 2 Corinthians 9 : 7).

4. No sacrifice too great.

**CONCLUSION :**

1. Are you a real Christian?

2. What are you doing to prove it?

FROM :

**SATYA VANI**
**P.O.BOX. 80,**
**KAKINADA - 533 001.**

PRINTED BOOK ONLY

TO

(FOR PRIVATE CIRCULATION ONLY)